# ମହାନଦୀ କୋଲ ଫିଲଡ୍ ଲିଃର ୧୧ ତମ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆର. ପି .ଡି. ଏ. ସି) ବୈଠକ ଅନୁଷ୍ଠିତ

ଅନୁଗୋଳ ୧୩. ୦୨ :- ଏମ୍.ସି .ଏଲର ଅନୁଗୋଳ ସ୍ଥିତ ବିଭିନ୍ନ ଖଣି ପାଇଁ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଆର .ପି .ଡି .ଏ.ସି ଅଧ୍ୟକ୍ଷ ଶ୍ରୀ ନିରଂଜନ ସାହୁଙ୍କ ଅଧ୍ୟକ୍ଷତାରେ ୧୧ତମ ଥଇଥାନ ଓ ପାରିପାର୍ଶିକ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଢେଙ୍କାନାଳ ଲୋକସଭା ସାଂସଦ ଶ୍ରୀ ମହେଶ ସାହୁ, ସମ୍ବଲପୁର ଲୋକସଭା ସାଂସଦ ଶ୍ରୀ ନିତିଶ ଗଂଗଦେବ, ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ଉତ୍ତର କେନ୍ଦ୍ରାଞ୍ଚଳ ଆଇ. ଜି ଶ୍ରୀ ନରସିଂହ ଭୋଳ,ଏମ୍.ସି.ଏଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭୋଳାନାଥ ଶୁକ୍ଳା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ପ୍ରମୁଖ ଯୋଗ ଦେଇଥିଲେ । ବିସ୍ଥାପିତ ପରିବାର ଗୁଡିକର ଥଇଥାନ ନିମନ୍ତେ ଆର.ପି .ଡି .ଏ .ସି ଏକ ବ୍ୟବସ୍ଥା । ଏହି ବ୍ୟବସ୍ଥା ମଧ୍ୟରେ ଉଭୟ ଏମ୍ .ସି .ଏଲ୍ ,ପ୍ରଶାସନ ଓ ଲୋକ ପ୍ରତିନିଧି ସମ୍ମିଳିତ ଭାବେ ଆନ୍ତରିକତାର ସହିତ ବିଭିନ୍ନ ସମସ୍ୟାକୁ ଆଲୋଚନା ମାଧ୍ୟମରେ ସମାଧାନ କଲେ ବିସ୍ଥାପିତ ପରିବାର ଗୁଡିକ ଉପକୃତ ହେବା ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଦୀର୍ଘ ଦିନ ପରେ ୧୧ତମ ଆର. ପି. ଡି. ଏ. ସି ବୈଠକ ହେଉଥିବାରୁ ବିସ୍ଥାପିତ ଲୋକମାନଙ୍କର ଥଇଥାନକୁ ନେଇ ଅନେକ ସମସ୍ୟା ରହିଛି । ଏମ୍ .ସି. ଏଲ୍ର ସି. ଏମ୍ .ଡିଙ୍କର ଓଡିଶାର ଏହି ପ୍ରକଳ୍ପ ପ୍ରତି ଥିବା ସକାରାତ୍ମକ ମନୋଭାବ ନିଶ୍ଚିତ ଭାବେ ଏହି ପରିବାରଗୁଡିକୁ ସେମାନଙ୍କର ନାର୍ଯ୍ୟ ଦାବି ହାସଲ କରିବାରେ ସହାୟକ ହେବ ବୋଲି ଢେଙ୍କାନାଳ ଲୋକସଭା ସାଂସଦ ପ୍ରକାଶ କରିଥିଲେ । ରାଜ୍ୟର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓ ଜମିହରା ପ୍ରଜାଙ୍କର ନିଯୁକ୍ତି ଓ ଥଇଥାନକୁ ତ୍ୱରାନ୍ୱିତ ଭାବେ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ବଲପୁର ସାଂସଦ ଏମ୍ ସି ଏଲ୍ ଦ୍ୱାରା ପଡି ରହିଥିବା ବହୁ ଦିନର ସମସ୍ୟାଗୁଡିକୁ ଆନ୍ତରିକତାର ସହ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜମିହରା ପ୍ରଜାମାନଙ୍କର ନିଯୁକ୍ତି ଓ ଥଇଥାନ

ଦୃଷ୍ଟି ଆକର୍ଷଣ କରିଥିଲେ । ଏମ୍ ସି ଏଲ୍ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ଅଧିଗ୍ରହଣ ହୋଇଥିବା ଜମି ବାବଦରେ ସ୍ୱାମୀ ଚାକିରୀ ପାଇଥିଲେ ଦ୍ୱିତୀୟ ପର୍ଯ୍ୟାୟ ଜମି ଅଧିଗ୍ରହଣ ପରେ ସ୍ତ୍ରୀଙ୍କୁ ଚାକିରୀ ଦେବା ଉପରେ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ । ବିସ୍ଥାପିତ ପରିବାରଗୁଡିକର ନ୍ୟାର୍ଯ୍ୟ ଦାବିକୁ ଏକ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ କରିବାକୁ ସଦସ୍ୟମାନେ ସି.ଏମ୍.ଡିଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଏମ୍ ସି ଏଲ୍ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ୩ ବର୍ଷ ମଧ୍ୟରେ ସାରିଲେ ବିସ୍ଥାପିତ ପରିବାରଗୁଡିକର ନିଯୁକ୍ତି ଓ ଥଇଥାନ ସଠିକ୍ ସମୟରେ ପାଇପାରିବ ବୋଲି ପ୍ରକାଶ କରିଥିଲେ । ୪ (୧) ବିଜ୍ଞପ୍ତି ପରେ ଅତି କମ୍‌ରେ ୩ ବର୍ଷ ମଧ୍ୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ସାରିବା ଉପରେ ଜିଲ୍ଲାପାଳ ସି ଏମ୍ ଡିଂକ ଦୃଷ୍ଟି ଆକର୍ଷଣ କରିଥିଲେ । କୋଇଲା ମନ୍ତ୍ରଣାଳୟରେ ଏହି ପ୍ରସ୍ତାବ ରଖାଯାଇ ବିସ୍ଥାପିତ ପରିବାରର ସମସ୍ତ ଦାବିଗୁଡିକୁ ଏହି ସମୟ ସୀମା ମଧ୍ୟରେ ଶେଷ କରାଯିବ ବୋଲି ସି .ଏମ୍.ଡି ପ୍ରକାଶ କରିଥିଲେ । ଏଣିକି ସମ୍ପୃକ୍ତ ଉପଜିଲ୍ଲାପାଳଂକ ଅଧ୍ୟକ୍ଷତାରେ ସମ୍ପୃକ୍ତ ଖଣିର ଜି ଏମ୍ , ଆଇ ଆଇ ସି ଓ ଜମିହରା ପ୍ରଜାଂକର ପ୍ରତିନିଧି ମିଶି ଯେ କୌଣସି ସମସ୍ୟାର ସମାଧାନ କରି ସବ୍ କମିଟୀକୁ ଅବଗତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ତାଲଚେର ଅଂଚଳରେ ସୃଷ୍ଟି ହେଉଥିବା ଆଇନ୍ ଶୃଂଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସରାକାରଂକ ପୁନର୍ବାସ ଓ ଥଇଥାନ ନୀତି ଆଧାରରେ ପ୍ରକଳ୍ପ ବିସ୍ଥାପିତ ପରିବାରଗୁଡିକର ସମସ୍ତ ଦାବିକୁ ପୂରଣ କରିବା ଉପରେ ଆଇ.ଜି ଗୁରୁତ୍ୱାରୋପ କରିଥିଲେ । ବୈଠକରେ ହିଲୋଇ ଓ ଏକଡାଳ ଗ୍ରାମର ଲେଫ୍ଟ ଆଉଟ ଜମିହରାପ୍ରଜାଂକୁ ପୁନର୍ବାସ ଓ ଥଇଥାନ,ଜରଡା ଗ୍ରାମର ସ୍ଥାନାନ୍ତରଣ ସମେତ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ ଓ ଖେମେଇ ବିଦ୍ୟାଳୟ,ଗୋପାଳପ୍ରସାଦ ପୋଲିସ ଷ୍ଟେସନର ସ୍ଥାନାନ୍ତରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଗୋପାଳଜୀ ଓ ସି ପି ର କଂସମୁଣ୍ଡା ଗ୍ରାମର ଆୱାର୍ଡ ପାସ୍, ପଥରମୁଣ୍ଡା ଗ୍ରାମର ବସ୍ତି ଜମି ଅଧିଗ୍ରହଣ,କଣିହାଁ ଗ୍ରାମର ୧୦୭ ପରିବାକରୁ ନିଯୁକ୍ତି ପ୍ରଦାନ ,ବିସ୍ଥାପିତ ପରିବାରର ଜ୍ୱାଇଁକୁ ଚାକିରୀ ପ୍ରଦାନ ଓ ନାତେଡି ଗ୍ରାମର ୮୦ଟି 'ଡି' କାଟେଗୋରିକୁ ଚାକିରୀ ଦେବା ନିମନ୍ତେ ସବ୍ କମିଟିରେ ଏହାର ନିଷ୍ପତ୍ତି ନେବା ସମ୍ପର୍କରେ ଆଲୋଚନା ହୋଇଥିଲା । ତାଲଚେର ଅଂଚଳରେ ଭୂସ୍ଖଳନ ଭଳି ବିଭିନ୍ନ ସମୟରେ ଫାଟ ସୃଷ୍ଟି ହେଉଥିବାରୁ ଏଠାରେ ବାଲି ଭର୍ତ୍ତି କରିବା ନିମନ୍ତେ ଗାଡି ଯାତାୟତ କରୁଥିବା ରାସ୍ତା କିଛି ଲୋକଙ୍କର ଜାଗାରେ ଥିବାରୁ ସେମାନେ ବିରୋଧ କରୁଥିଲେ । ଏମ୍. ସି, ଏଲ ଏହି ରାସ୍ତାର ମାଲିକ ମାନଂକୁ ୪୦ହଜାର ଟଂକା ଦେଇ ଗାଡିରେ ବାଲି ପରିବହନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା । ବିସ୍ଥିପିତ ପରିବାର ଗୁଡିକ ପୁର୍ନବାସ ଓ ଥଇଥାନ ସହାୟତା ପାଇବାର ୪ ମାସ ପରେ ଉକ୍ତ ଘର ଭାଂଗି ଜାଗା ଛାଡିଲେ ସେଠାରେ ଖଣି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ(ଥଇଥାନ ଓ ବିସ୍ଥାପନ) ଶ୍ରୀ ବାସୁଦେବ ଶତପଥି,ଏମ୍ ସି ଏଲ୍ ଭୂ ଅର୍ଜନ ଅଧିକାରୀ ଶ୍ରୀ ରତନ ଆଚାର୍ଯ୍ୟଂକ ସମେତ ତାଲଚେର,କଣିହାଁ ଓ ଛେଣ୍ଡିପଦାର ପଂଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା,ସ୍ୱେଚ୍ଛାସେବୀ,ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିସ୍ଥାପିତ ପରିବାରର ପ୍ରତିନିଧି ,ବିଭିନ୍ନ ବିବାଗର ଅଧିକାରୀ ଓ ଏମ ସି ଏଲ୍‌ର ବିଭିନ୍ନ ଖଣି ଅଂଚଳର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।


11th REHABILITATION AND PERIPHERY
DEVELOPMENT ADVISORY COMMITTEE MEETING
OF
MAHANADI COALFIELDS LTD. PROJECTS
OF ANGUL DISTRICT
Date : 13.02.2020 Time : 11.00 AM
TOILET


11th REHABILITATION AND PERIPHERY
DEVELOPMENT ADVISORY COMMITTEE MEETING
OF
MAHANADI COALFIELDS LTD. PROJECTS
OF ANGUL DISTRICT
Date : 13.02.2020 Time : 11.00 AM
Venue : Conference Hall, (3rd Floor) Collectorate, Angul